ଏସ୍. ନରହରି ରାଓ

ବନାମ

ସତ୍ୟନାରାୟଣ ଏବଂ ଅନ୍ୟମାନେ

(ଦେୱାନୀ ଆବେଦନ ସଂଖ୍ୟା 1480/2010)

ଫେବୃଆରୀ 8, 2010

**[ଦଲବୀର ଭଣ୍ଡାରୀ ଏବଂ ଏ. କେ. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ନିଷେଧାଜ୍ଞା:*

*ଅସ୍ଥାୟୀ ନିଷେଧାଜ୍ଞା -- ବିଚାର କରୁଥିବା ଅଦାଲତରେ ଆଗତ ହୋଇଥିବା ମକଦ୍ଦମା ପାଇଁ ଆବେଦନ-- ପକ୍ଷମାନଙ୍କୁ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି -- ପ୍ରତିବାଦୀମାନେ ନ୍ୟାୟାଳୟକୁ ଅବଗତ କରାଇଛନ୍ତି ଯେ ସମଗ୍ର ବିବାଦ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଅଛି, ଅସ୍ଥାୟୀ ନିଷେଧାଜ୍ଞା ପାଇଁ ଥିବା ଆବେଦନକୁ ପ୍ରତ୍ୟାଖ୍ୟାନ କରାଗଲା -- ସେହି ଆଧାରରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆବେଦନକୁ ଖାରଜ କରାଯାଇଛି-- ନିର୍ଣ୍ଣୟ ହୋଇଛି: ଯେହେତୁ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ମାମଲାର ନିଷ୍ପତ୍ତି ହୋଇଛି, ଉଚ୍ଚ ନ୍ୟାୟାଳୟ ଏବଂ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆକ୍ଷେପିତ ଆଦେଶକୁ ଅଗ୍ରାହ୍ୟ କରାଗଲା--ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ରାୟର ତାରିଖଠାରୁ ଅସ୍ଥାୟୀ ନିଷେଧାଜ୍ଞା ପାଇଁ ଥିବା ଆବେଦନ ଏବଂ ମକଦ୍ଦମାର ନିଷ୍ପତି କରିବାକୁ ବିଚାର କରୁଥିବା ଅଦାଲତଙ୍କୁ ପ୍ରେରଣ କରାଯାଇଥିଲା ।*

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 1480/2010

ତା 8.6.2009 ରିଖରେ, ବାଙ୍ଗାଲୋରସ୍ଥିତ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ବିବିଧ ପ୍ରଥମ ଆବେଦନ ସଂଖ୍ୟା 2519/2009 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଦୁଷ୍ୟନ୍ତ ଏ. ଡେଭ ଏବଂ ପି. ବିଶ୍ୱନାଥ ସେଟ୍ଟୀ, ଏସ. ୟୁ. କେ. ସାଗର, ବିନା ମାଧବନ, ପନ୍ତୋଶ ଗୁପ୍ତା (ଓକିଲଙ୍କ ନିଟ୍ ଆଣ୍ଡ କମ୍ପାନୀ ପାଇଁ) ଆର୍. ଏସ୍. ହେଗ୍ଡେ, ଚନ୍ଦ୍ର ପ୍ରକାଶ, ରାହୁଲ ତ୍ୟାଗୀ, ଅଶ୍ୱିନୀ ଗର୍ଗ, ପି. ପି. ସିଂହ, ଉପସ୍ଥିତ ପକ୍ଷମାନଙ୍କ ପାଇଁ ।

ନ୍ୟାୟାଳୟର ଆଦେଶ ପ୍ରଦାନ କରାଯାଇଥିଲା

**ଆଦେଶ**

**ନ୍ୟାୟମୂର୍ତ୍ତି ଏ. କେ. ପଟ୍ଟନାୟକଙ୍କ** ଦ୍ୱାରା । ଅନୁମତି ପ୍ରଦାନ କରାଗଲା ।

ଯେଉଁ ପୃଷ୍ଠଭୂମିରେ ଏହି ଦେୱାନୀ ଆବେଦନକୁ ଆଗତ କରାଯାଇଛି, ତାହା ହେଉଛି ଆବେଦନକାରୀ ଓ. ଏସ. ସଂଖ୍ୟା 1150/2009 ନାମରେ ବାଙ୍ଗାଲୋରର ନଗର ଦେୱାନୀ ଅଦାଲତରେ ଏକ ମକଦ୍ଦମା ଦାୟର କରିଥିଲେ, ଏବଂ ଏହା ସହିତ ମକଦ୍ଦମାରେ ଥିବା ସମ୍ପତ୍ତି ଉପରେ କୌଣସି ନିର୍ମାଣ ନକରିବା ପାଇଁ ଏକ ଅସ୍ଥାୟୀ ନିଷେଧାଜ୍ଞା (ଆଇ. ଏ. ସଂଖ୍ୟା 1/2009) ପାଇଁ ଏକ ଆବେଦନ ମଧ୍ୟ କରିଥିଲେ । 18.02.2009 ରେ, ନଗର ଦେୱାନୀ ଅଦାଲତ, ବାଙ୍ଗାଲୋର, ଉତ୍ତରଦାତାମାନଙ୍କୁ ସମନ/ନୋଟିସ୍ ଜାରି କରିବା ସମୟରେ, ପକ୍ଷମାନଙ୍କୁ ମକଦ୍ଦମାରେ ଥିବା ସମ୍ପତ୍ତିର ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସମନ/ନୋଟିସର ଜବାବରେ, ଉତ୍ତରଦାତାମାନେ ମକଦ୍ଦମାରେ ହାଜର ହୋଇଥିଲେ ଏବଂ ସମସ୍ତ ବିବାଦ ଏବଂ ଅନ୍ୟ ସମ୍ପୃକ୍ତ ଏସଏଲପି ଗୁଡିକରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠର 22.12.2006 ତାରିଖର ସାଧାରଣ ରାୟ ବିରୁଦ୍ଧରେ ଏହି ଅଦାଲତର ଏସ.ଏଲ.ପି.(ସି) ସଂଖ୍ୟା 10352/2007 ମାମଲାରେ ବିଚାରାଧୀନ ଥିବା କାରଣରୁ ସ୍ଥିତାବସ୍ଥା ଆଦେଶକୁ ଉଠାଇବା ପାଇଁ ଆଇ.ଏ. ସଂଖ୍ୟା 2/2009 ଆଗତ କରି ନଗର ଦେୱାନୀ ଅଦାଲତଙ୍କୁ ଅନୁରୋଧ କରିଥିଲେ । ବିଚାର କରୁଥିବା ଅଦାଲତ ଏହି ମତ ପୋଷଣ କରିଥିଲେ ଯେ ଯେହେତୁ ସମଗ୍ର ବିବାଦ ଏହି ଅଦାଲତରେ ବିଚାରାଧୀନ ରହିଛି, କେବଳ ଏହି ଅଦାଲତର ମଧ୍ୟବର୍ତ୍ତୀକାଳୀନ ପ୍ରତିକାର ମଞ୍ଜୁର କରିବାର ଅଧିକାରିତା ରହିଛି ଏବଂ ଏହାର ତା 02.04.2009 ରିଖର ଆଦେଶ ଦ୍ୱାରା ଅସ୍ଥାୟୀ ନିଷେଧାଜ୍ଞା ପାଇଁ ଥିବା ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଏହାପରେ ଆବେଦନକାରୀ, ତା 02.04.2009 ରିଖର ନଗର ଦେୱାନୀ ଅଦାଲତଙ୍କ ଆଦେଶ ବିରୁଦ୍ଧରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟରେ ବିବିଧ ପ୍ରଥମ ଆବେଦନ ସଂଖ୍ୟା 2519/2009 ଆଗତ କରିଥିଲେ କିନ୍ତୁ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ, ମକଦ୍ଦମାର ବିଷୟବସ୍ତୁ ଏସ୍. ଏଲ୍. ପି. (ସି) ସଂଖ୍ୟା 10352/2007 ର ବିଷୟବସ୍ତୁ ସହିତ ସମାନଥିବା କାରଣରୁ 08.06.2009 ତାରିଖର ଆଦେଶ ଦ୍ୱାରା ବିବିଧ ପ୍ରଥମ ଆବେଦନକୁ ମଧ୍ୟ ଏହି ଆଧାରରେ ଖାରଜ କରିଦେଇଥିଲେ ।

ଆମେ ପକ୍ଷମାନଙ୍କ ପାଇଁ ଥିବା ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ । 12.07.2007 ରେ, ଏହି ନ୍ୟାୟାଳୟ ଏସ୍. ଏଲ୍. ପି. (ସି) ସଂଖ୍ୟା 10352/2007 ଏବଂ ସଂଯୁକ୍ତଥିବା ଅନ୍ୟ ଏସଏଲପି ଗୁଡିକରେ ଅନୁମତି ପ୍ରଦାନ କରିଥିଲେ । ଏହି ଅନୁମତି ମଞ୍ଜୁର ହେବା ପରେ, ଏହି ମାମଲା ଗୁଡିକ ଦେୱାନୀ ଆବେଦନ ସଂଖ୍ୟା 3038/2007 ଏବଂ ଅନ୍ୟ ସଂଯୁକ୍ତ ଦେୱାନୀ ଆବେଦନ ଗୁଡିକ ଭାବରେ ପୁନଃ ସଂଖ୍ୟାଙ୍କିତ ହୋଇଥିଲା । ଆମେ ଏହି ଦେୱାନୀ ଆବେଦନଗୁଡ଼ିକର ଶୁଣାଣି କରିଛୁ ଏବଂ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠର 22.12.2006 ତାରିଖର ସାଧାରଣ ରାୟକୁ ଅଗ୍ରାହ୍ୟ କରି ଆଜି ଏକ ସାଧାରଣ ରାୟ ପ୍ରଦାନ କରିଛୁ ଏବଂ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଉଛୁ ।

ଯେହେତୁ ଆମେ ଏହି ଅଦାଲତରେ ବିଚାରାଧୀନ ଥିବା ବିବାଦର ନିଷ୍ପତ୍ତି ନେଇଛୁ, ତା 08.06.2009 ରିଖରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ ଦ୍ୱାରା ବିବିଧ ପ୍ରଥମ ଆବେଦନ ସଂଖ୍ୟା 2519/2009ରେ ପ୍ରଦାନ କରାଯାଇଥିବା ଆକ୍ଷେପିତ ଆଦେଶକୁ ଏବଂ 02.04.2009 ରେ ଆଇ.ଏ. ସଂଖ୍ୟା 1 ଏବଂ 2/2009 ରେ ବାଙ୍ଗାଲୋର ସ୍ଥିତ ନଗର ଦେୱାନୀ ଅଦାଲତଙ୍କ ପାରିତ ଆଦେଶକୁ ବାତିଲ କରୁଛୁ ଏବଂ ଦେୱାନୀ ଆବେଦନ ସଂଖ୍ୟା 3038/2007 ଏବଂ ଅନ୍ୟ ସଂଯୁକ୍ତ ଦେୱାନୀ ଆବେଦନ ଗୁଡିକରେ ଆଜି ପ୍ରଦାନ କରାଯାଇଥିବା ରାୟ ଅନୁଯାୟୀ ଅସ୍ଥାୟୀ ନିଷେଧାଜ୍ଞା ଆବେଦନ ଏବଂ ମକଦ୍ଦମାର ବିଚାର କରି ପକ୍ଷମାନଙ୍କୁ ଶୁଣିବାକୁ ବାଙ୍ଗାଲୋରର ନଗର ଦେୱାନୀ ଅଦାଲତଙ୍କୁ ଏହି ମାମଲା ପ୍ରେରଣ କରୁଛୁ ।

ତଦନୁସାରେ ଆବେଦନର ନିକାଶ କରାଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ । ଦେୱାନୀ ଆବେଦନ ସଂଖ୍ୟା 3038/2007 ଏବଂ ଅନ୍ୟ ସଂଯୁକ୍ତ ଦେୱାନୀ ଅବେଦନଗୁଡିକରେ ଆଜି ପାରିତ ହୋଇଥିବା ରାୟର ଏକ କିତା ନକଲ ନଗର ଦେୱାନୀ ଅଦାଲତ, ବାଙ୍ଗାଲୋରଙ୍କୁ ପଠାଯିବ ।

ଆର୍.ପି. ଆବେଦନଗୁଡ଼ିକୁ ନିକାସ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।